# କାଦମ୍ବରୀ

ପାରମିତା ଶତପଥୀ

ଅଳ୍ପ ବୟସରେ ଏମିତି ଛୋଟ ଛୋଟ କଥା ସବୁ କେତେ ଗୁରୁତ୍ୱପୂର୍ଣ୍ଣ ମନେହୁଏ! ସେମାନେ ମନେ ପକାଇ ହସୁଥିଲେ । ଦିଲ୍ଲୀ ଜୟପୁର ରାଜରାସ୍ତାରେ ବିରାଟ ଗାଡିଟି ବେଶ୍ ଦ୍ରୁତଗତିରେ ଧାଇଁଥିଲା ଓ ଭିତରେ ବସି ସେମାନେ ଛୋଟିଆ ମୋଟିଆ ପିଲାଦିନର କଥା ସବୁ ମନେପକାଇ ହସି ହସି ଗଡିଯାଉଥିଲେ। ସେମାନେ-ନୀରଦ, ନୀଳିମା ଓ ନିର୍ମଳ । ପ୍ରଥମ ହସ ଆରମ୍ଭ ହେଲା ସେମାନଙ୍କ "ନ" କ୍ଲବ୍ କଥା ମନେପକାଇ । କଲେଜରେ ଗୋଟିଏ ଟ୍ୟୁଟୋରିଆଲ୍ ଗ୍ରୁପ୍‌ରେ ଥିଲେ ସେମାନେ। ହଠାତ୍ ଆବିଷ୍କାର କଲେ ଯେ ସେମାନଙ୍କର ନାଁ ର ଆରମ୍ଭ 'ନ' ଅକ୍ଷରରେ। ସତେ ଯେମିତି ପୃଥିବୀର ଅଷ୍ଟମ ବିସ୍ମୟ! ଖୁବ୍ ଖୁସି ବି ହୋଇଥିଲେ ସେମାନେ। ଧୀରେ ଧୀରେ ଏଇ ପ୍ରସଙ୍ଗରୁ ବନ୍ଧୁତ୍ୱ ବଢିଲା ଓ ପ୍ରାୟତଃ ସେମାନଙ୍କୁ ତିନିଜଣଙ୍କୁ ଏକାଠି ଦେଖୁଥିଲେ ଅନ୍ୟମାନେ। ଥଟ୍ଟା ମଜ୍ଜାରେ କହୁଥିଲେ –ହେଇ ଦେଖ! 'ନ' କ୍ଲବ୍‌ର ମେମ୍ବର୍‌ମାନେ ଆସିଲେ! ସେମାନେ ତିନିଜଣ ଯାକ ଏଇ ଲଘୁ ପରିହାସକୁ ଗ୍ରହଣ କରିନେଇଥିଲେ। ଦୀର୍ଘଛୁଟିମାନଙ୍କରେ ଓ ପଢାସରିବାପରେ ପରସ୍ପରକୁ ଚିଠି ଲେଖିବାବେଳେ 'ନ' କ୍ଲବ୍ ବୋଲି ପ୍ରଥମେ ଶୀରୋନାମା ଦେଇଥିଲେ।

"ତୁମର ତ କଥା କହିଲାବେଳେ ଟିକିଏ ପାଟି ଲାଗୁଥିଲା । ଏମିତି ଲାଜକୁଳା ବି ଥିଲ ତୁମେ ନିର୍ମଳ । ଆଶ୍ଚର୍ଯ୍ୟ ଲାଗୁଛି ଯେ, ତୁମେ ପୁଣି ଏଡେ ବଡ ଓକିଲ ! କେମିତି ସତରେ ବଡ ବଡ କେଶ୍‌ରେ ଯୁକ୍ତି କରୁଛ ? ଆଉ ପାଟି ଲାଗୁଛି ନା ନାହିଁ ।" ନୀଳିମା ହସି ହସି କହୁଥିଲା ।

"ପାଟି ଲାଗୁଛି ! ତା' କଥା ନ କହିଲେ ଭଲ । ଧଳାକୁ କଳା କରିବାକୁ ତା'ପାଟିରେ କ'ଣ ହୃଦୟରେ ବି ବାଟୁଳି ବାଜୁନାହିଁ।" ନୀରଦ କଥାକୁ ଆଗେଇ ନେଲା।

"ବୁଝିଲ ! ତୁମେ ଛିଣ୍ଡା ଟାୟାର୍‌କୁ ମୋଚି ପାଖରେ ଯୋଡାଇ କରି ଚପଲ ପିନ୍ଧୁଥିଲ – କଣ ନା ଗାନ୍ଧିବାଦୀ । ବର୍ତ୍ତମାନ ଚକ୍ ଚକ୍ ବୁଟ୍ । ପୁଅ ପଢିଲା ଯାଇ ଆମେରିକାରେ। ଘରେ ଫୋର୍ଡ ଆଇକନ ଗାଡି। ସବୁତକ ଗାନ୍ଧିବାଦୀ ପଲିସିକୁ କାର୍ଯ୍ୟକାରୀ କରିବା ଆଗରୁ ଚଳୁ କରୁଛ ତୁମେ । ରୁହ ରୁହ ଗୋଟାଏ ପିଆଇଏଲ୍ ଫାଇଲ୍ କରୁଛି, ଶଳା ତମ ପରି ବ୍ୟୁରୋକ୍ରାଟଙ୍କ ବିରୁଦ୍ଧରେ ।" ନିର୍ମଳ ଓଠ କାମୁଡିଲା ।

"ହଉ ହଉ, ଥାଉ । ତୁମ ଦୁଇଜଣଙ୍କର ପୁରୁଣା ଅଭ୍ୟାସ ଛାଡିଲାନି । ପାଞ୍ଚ ମିନିଟ୍ ଏକାଠି ହେଲେ ଯୁକ୍ତିତର୍କ କଳିକଜିଆ ଚାଲିଲା । ମୁଁ ତ ଅନେକଦିନରୁ ନାହିଁ ଏଠି । କେମିତି ସତରେ ତୁମର କଜିଆ ମେଁ[ ? କିଏ ଆଗ ହାର୍‌ମାନେ ?" କଥାର ମୋଡ ବଦଳାଇବାକୁ ଚେଷ୍ଟାକଲା ।

"ନାଇଁରେ। ତୁମେ ଆସିଛ ବୋଲି ଆଜି ଆମେ ଏକାଠି ହେଲୁ। ନ ହେଲେ ଗତ ବର୍ଷଟିଏ ଭିତରେ ଥରେ ଦୁଇଥର କୋଉ ମିଟିଂରେ ଦେଖାହୋଇଛି । ଏକାଠି ବସି କେତେ ମିନିଟ୍ ଗପ କରିବାର ସୁଯୋଗ ବି

ଯୁଟିନି, ଯୁକ୍ତିତର୍କ କଥା ତ ଖୁବ୍ ଦୂରରେ । ଜୀବନ ଓ ଜଞ୍ଜାଳ ସତରେ ଏମିତି ଏତେ ହୋଇଗଲାଣି ...” ସିଟ୍‌ରେ ଆଉଜି ପଡି କହିଲା ନୀରଦ ।

କେତେ ମିନିଟ୍ ଚୁପ୍ ରହିଗଲେ ସେମାନେ । ସମୟ ଓ ତା’ ସହିତ ଜୀବନ ତା’ ବାଟରେ ଗଡିଚାଲିଛି । କେତେ ଦିନ ହୋଇଗଲାଣି ସତରେ ସେମାନେ ଏମିତି ଏକାଠି ହେବା ଓ ପୁରୁଣା କଥା ମନେ ପକାଇବା ! ଅଥଚ ଏବେ ଲାଗୁଛି ଯେମିତି ମଝିର ସମୟତକ ନଥିଲା। ସେମାନଙ୍କର ୟୁନିଭର୍‌ସିଟିରେ ପଢିବାର ସମୟ ଓ ବର୍ତ୍ତମାନ ମଝିରେ କିଛି ଯେମିତି ନାହିଁ ।

- କିନ୍ତୁ ଏ ଭିତରେ ବହୁତ କିଛି ଘଟିଯାଇଛି । ସେମାନଙ୍କୁ ସମସ୍ତଙ୍କୁ ବର୍ତ୍ତମାନ ପଞ୍ଚାବନ ବା ଛପନ ବର୍ଷ। ଘଟଣାବର୍ତ୍ତର ଏକ ଚଉଡା ନଈ ଯେମିତି ବହିଯାଇଛି ମଝିରେ! ଅନୁଭବ, ଅନୁଭୂତି ଓ ଉପଲବ୍ଧିରେ ସାନ୍ଦ୍ର, ପ୍ରାପ୍ତି ଅପ୍ରାପ୍ତିରେ ଗଭୀର- ସୌଭାଗ୍ୟ, ଦୁର୍ଭାଗ୍ୟର ଚଳଚଞ୍ଚଳ ସ୍ରୋତ-ସତରେ ନଈଟେ ହିଁ ବହିଯାଇଛି !

ନୀଳିମା ଗାଡିର କାଚ ଦେଇ ବାହାରକୁ ଚାହିଁଲା, ନୀରଦ ଗୀତର ଭଲ୍ୟୁମ୍ କମାଇଦେବାକୁ କହି ଆଉଜି ପଡିଲା ଓ ନିର୍ମଳ ଅନ୍ୟମନସ୍କ ଭାବରେ ସିଗାରେଟ ପ୍ୟାକେଟ୍ ଖୋଲିଲା ।

ଅନେକ ବର୍ଷ ତଳେ ସେମାନେ ଏକାଠି ପଢୁଥିଲେ । ଭାବପ୍ରବଣତା, ସ୍ୱପ୍ନ ଓ ଶପଥର ସମୟ ଥିଲା ତାହା । ଜୀବନ ଅନେକ ପ୍ରକାରରେ ମୋଡିମାଡି ନିଜମୁତାବକ ଛାଞ୍ଚରେ ପକାଇ ବଦଳାଇଦେଲାଣି ବ୍ୟକ୍ତିତ୍ୱକୁ, ବିଶ୍ୱାସକୁ , ଆଭିମୁଖ୍ୟକୁ । ବାହାଘରପରେ ନୀଳିମା ଆମେରିକା ଚାଲିଯାଇଥିଲା ଇଞ୍ଜିନିଅର୍ ସ୍ୱାମୀ ସହ। ସେଇଠି ସମାଜସେବାରେ ମାଷ୍ଟର୍‌ସ ଓ ପୋଷ୍ଟଡକ୍ଟରାଲ୍ କରି ୟୁନିଭର୍‌ସିଟିରେ ପଢାଉଛି। ନୀରଦ ଓ ନିର୍ମଳ ଦିଲ୍ଲୀରେ ରୁହନ୍ତି। ନୀରଦ ଗୋଟିଏ ଜାତୀୟ କର୍ପୋରେସନରେ ପରିଚାଳନା ନିର୍ଦ୍ଦେଶକ। ନିର୍ମଳ, ସୁପ୍ରିମକୋର୍ଟରେ ପ୍ରାକ୍‌ଟିସ୍ କରୁଥିବା ନାମଜାଦା ଓକିଲ । ନିଜ ନିଜ କ୍ଷେତ୍ରରେ ଜୀବନରେ ସେମାନେ ସୁପ୍ରତିଷ୍ଠିତ, ପ୍ରଶଂସିତ ଓ ସଫଳ । ପରସ୍ପର ମଧରେ ଯୋଗାଯୋଗ ରଖିଛନ୍ତି ସେମାନେ, ଯଦିଓ ପ୍ରାୟ ଦୁଇବର୍ଷପରେ ସେମାନଙ୍କର ତିନିଜଣଙ୍କର ଏକାଠି ହୋଇପାରିବା ସମ୍ଭବ ହୋଇଛି।

ନିର୍ମଳର ବଗିଚାରେ ପହଞ୍ଚିଲାବେଳକୁ ସଂଧ୍ୟା ଛଅଟା ହୋଇ ଯାଇଥିଲା । ତଥାପି ନୂଆଁଣିଆ ଖରାଥିଲା ଓ ସେଥିରେ ବଗିଚାର ସଯତ୍ନବର୍ଦ୍ଧିତ ଗଛପତ୍ର ଚକ୍ ଚକ୍ କରୁଥିଲା । ଗ୍ଲାଡିଓଲା ଓ ଗୋଲାପ ଫୁଲର କିଆରୀ ଖୁବ୍ ରଙ୍ଗୀନ ଓ ଆକର୍ଷକ ଲାଗୁଥିଲା । ରଜନୀଗନ୍ଧା ଫୁଲର ସ୍ତବକ ମଧ ଭର୍ତ୍ତି ହୋଇଥିଲା। ପୋଖରୀ ହୁଡା କଡେ କଡେ ଫଳଭର୍ତ୍ତି ଅମୃତଭଣ୍ଡା ଗଛ । ମୋଟ ଉପରେ ଭରପୁର ପରିପୂର୍ଣ୍ଣ ବଗିଚା - ନୀଳିମା ପ୍ରଶଂସା କରୁଥିଲା । ସେମାନେ ବଗିଚା ମଝିଆ ମଝି ଥିବା ସୁଦୃଶ୍ୟ ଘରର ଛାତ ଉପରକୁ ଉଠିଲେ ନିର୍ମଳର ପରାମର୍ଶ କ୍ରମେ । ଛାତଉପରୁ ସୂର୍ଯ୍ୟାସ୍ତ ନିହାତି ଦର୍ଶନୀୟ ଓ ସ୍ମରଣଯୋଗ୍ୟ ଅନୁଭୂତି - ନିର୍ମଳ କହୁଥିଲା ।

ଶୀତଳ ପବନ, ମୁହଁସଞ୍ଜ ଓ ବଗିଚାର ଗଛପତ୍ର ଭର୍ତ୍ତି ପରିବେଶ ଖୁବ୍ ସୁନ୍ଦର ଥିଲା। ଛାତଉପରେ ଖାଦ୍ୟ ଓ ପାନୀୟର ରୁଚିକର ସରଞ୍ଜାମ ହୋଇଥିଲା ।

"ଏତେ ବର୍ଷ ହେଲା ରହିଲଣି ଆମେରିକାରେ ନୀଳିମା ? କେମିତି ଲାଗୁଛି ସେଠିକାର ଜୀବନ ?" ନୀରଦ ପଚାରିଲା ।

"ହଁ ପ୍ରଥମେ ପ୍ରଥମେ କିଛିଟା କଷ୍ଟ କରିବାକୁ ପଡିଥିଲା । କିନ୍ତୁ ୟା'ଙ୍କର ଗ୍ରୀନ୍‌କାର୍ଡ ହୋଇଗଲାପରେ ଓ ମୋର ଚାକିରୀ ପରେ ସ୍ୱଚ୍ଛନ୍ଦ ହୋଇଗଲା ଚଳିବା । ଏବେ ଆମଘର ମିଚିଗାନକୁ ଛାଡି ଚିକାଗୋରେ ଘର କିଣିଛୁ । ଏଇଠି ଦିଲ୍ଲୀରେ ଦୁଇଟା ଫ୍ଲାଟ୍ କିଣିଲୁଣି । ଇଏ ତାଂକ ଚାକିରୀ ନେଇ ଖୁବ୍ ସନ୍ତୁଷ୍ଟ । ଯଦିଓ ୟାଙ୍କୁ ଗୁଡାଏ ଟୁର୍ କରିବାକୁ ପଡେ ପୃଥିବୀ ସାରା । ଝିଅ,ପୁଅ ଦୁଇଜଣ ଯାକ ଖୁବ୍ ଖୁସି । ଭାରି ସ୍ୱାଧୀନ ଭାବରେ ବଢ଼ିଛନ୍ତି ସେମାନେ । ପୁଅ ଏବେ ନୁହେଁ ଟିକିଏ ଡେରିରେ ବାହାହେବ ବୋଲି କହୁଛି । ନିଜର ବ୍ୟବସାୟକୁ ନେଇ ବ୍ୟସ୍ତ ଅଛି । ଝିଅର ଆମେରିକାନ୍ ବୟଫ୍ରେଣ୍ଡ୍ । ମୁଁ ଟିକିଏ ବ୍ୟସ୍ତ ହେଉଥିଲି । କିନ୍ତୁ ଇଏ ବହୁତ ବୁଝାଇଲେ । ସେମାନେ ଆମେରିକାନ୍‌ଙ୍କ ଭଳି ବଢ଼ିଛନ୍ତି । ଏଥିରେ କୌଣସି ଭୁଲ ନାହିଁ । ସର୍ବୋପରି ମୁଁ ଯେମିତି ଭାରତରେ ଥାଆନ୍ତି, ତା'ଠାରୁ ବହୁତ ଅଧିକ ସୁଖ, ସମୃଦ୍ଧିରେ ଅଛି । ତୁମେ କୁହ, ନୀରଦ - ତୁମଠାରୁ ବହୁତ ଦିନ ହେଲା କିଛି ଶୁଣିନାହିଁ।" ନୀଳିମା କହିଲା।

"ମୋର ସେମିତି ଠିକ୍ ଠାକ୍ । ଦୁଇଟା ଯାକ ପୁଅ ବାହାରେ । ଖୁବ୍ ଭଲ କରୁଛନ୍ତି । ସରକାରୀ ଚାକିରୀ ତ ଜାଣ, ସୁରୁଖୁରୁରେ ପ୍ରମୋଶନ୍ ହେଉଛି । ଏମିତି ପ୍ରାୟତଃ ମୋର ଭଲ ସମ୍ମାନଜନକ ପୋଷ୍ଟିଂ ହୋଇଛି ସବୁବେଳେ । ବିଶେଷ କିଛି ଅସୁବିଧା ହୋଇନାହିଁ । ବଡ କଥା ହେଲା ଆମେମାନେ ଚଉଦବର୍ଷ ହେଲା ଦିଲ୍ଲୀରେ ରହିଗଲୁଣି । ଜୀବନକୁ ନେଇ ମୋର କୌଣସି ଆପତ୍ତି ନାହିଁ । ଆଉ ଅଧିକ କିଛି ଯେ ହୋଇପାରିଥାନ୍ତା ତା ମୁଁ ଭାବିପାରୁନାହିଁ । ଗୋଟାଏ ୟୁଏନ୍ ପୋଷ୍ଟିଙ୍ଗ୍ ହୋଇଯିବ ଏ ଭିତରେ, ତା'ପରେ ରିଟାୟର୍ଡମେ[× । ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଦିଲ୍ଲୀରେ ରହିଯିବୁ ନା ଭୁବନେଶ୍ୱର ଫେରିଯିବୁ। ବୋଧହୁଏ ଏଇଠି ରହିଯିବାକୁ ହିଁ ହେବ।" ନୀରଦ ତା'ପାନୀୟ ଗ୍ଲାସରେ ଚୁମକ ଦେଲା ।

"ଆଉ ତୁମେ ? କେମିତି ଚାଲିଛି ତୁମର ?" ନୀଳିମା ପ୍ରଶ୍ନବାଚୀ ଦୃଷ୍ଟିଦେଇ ନିର୍ମଳକୁ ଚାହିଁଲା।

"ଅଦୃଷ୍ଟ ଭଲ । ମୁଁ ତ ଭାବିନଥିଲି ଜୀବନରେ ଏତେସବୁ ଐଶ୍ୱର୍ଯ୍ୟ, ଆରାମ ମିଳିବ ବୋଲି ! ମନେଅଛି, କେତେ କଷ୍ଟ କରି ଆଣ୍ଠେଇପଡି ପାଠପଢୁଥିଲେ ଆମେ ? ପୋଥି ବାଇଗଣ ହୋଇ ଖୁବ୍ ଗୁଡାଏ କିଛି ଲାଭ ନାହିଁ ବୋଲି ଜାଣିପାରିଥିଲି । ଦିଲ୍ଲୀ ଆସି 'ଲ' ପଢିଲି ; ତା'ପରଠାରୁ ଏଇଠି । ଏଇ ବୃତ୍ତିରେ କେତେଟା କୌଶଳ ଶିଖିଗଲେ ହେଲା । ଯଦିଓ କାମ ବଢି ବଢି ଯାଉଛି, ତେବେ ବମ୍ବେ ଓ ବାଙ୍ଗାଲୋରରେ ଆଉ ଦୁଇଟି ଅଫିସ୍ ଖୋଲି ଦେଇଛି । ଜୁନିଅର୍ ବହୁତ ହୋଇଗଲେଣି । ପୁଅ ଲଣ୍ଡନ୍‌ରୁ ପାଶ୍ କରିଯିବ ଆସନ୍ତାବର୍ଷ ଓ ଆସି ଚ୍ୟାମ୍ବରରେ ଯୋଗଦେବ । ପ୍ଲାନ ମୁତାବକ ଚାଲିଛି ତ ସବୁ ଏ ଯାଏଁ।" ନିର୍ମଳ ତା ଗ୍ଲାସରେ ହ୍ୱିସ୍କି ଢାଳିଲା ।

"ଚାଲିଛି କଣ ? ହୀରାର ଚପଲ ପିନ୍ଧୁଛୁ କହ !"

ନୀରଦ ଥଟ୍ଟା କଲା ତାକୁ ।

"ଆଉ ତୁ କଣ କମ୍ ବଡ ବାବୁ ! ଦେଖା କରିବାକୁ ଦି'ଦିନ ଆଗରୁ ଆପଏଣ୍ଟମେଣ୍ଟ ନେବାକୁ ପଡିବ ।" ନିର୍ମଳ ଉତ୍ତର ଦେଲା ।

କିଛି ସମୟ ଚୁପ୍ ଚାପ୍ ବସିଗଲେ ସେମାନେ । ଆକାଶରେ ଅନେକ ତାରା ଓ ଫାଳିକିଆ ଜହ୍ନ ଦେଖାଦେଇ ସାରିଥିଲା ସେତେବେଳକୁ ।

"କିଛି ନା କିଛି ପଛରେ ଧାଇଁଛେ ଆମେ ଜୀବନ ସାରା, ନାଇଁ ?" ନିର୍ମଳ ଆଡକୁ ଭରିଦେବାପାଇଁ ନିଜ ଖାଲି ଗ୍ଲାସ ବଢାଇଦେଲା ନୀଳିମା ।

"କେବେହେଲେ ଅଟକି ଯାଇ ସେଇ ଗୋଟିଏ ଜାଗାରେ ସ୍ଥିର ହୋଇ ରହିଯାଇଛେ କି ? ରହିଯାଇ ପଛକୁ ବୁଲି ଚାହିଁ ଦେଖିଛେ କି ? ନା ବୋଧହୁଏ ।" ନୀଳିମା ପୁଣି କହିଲା ।

"ସମୟ ସହ ସୁଯୋଗ ମଧ ଅଟକି ଯାଇନାହିଁ ଆମ ପାଇଁ । ଆମେ କେମିତି ରହିଯାଇଥାନ୍ତେ କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ? ଜୀବନରେ ଆଗକୁ ବଢ଼ିବାର ନିଶା ତ ଘାରିଛି ଆମକୁ ! ଆଗକୁ ଆଗକୁ ଚାଲିଛେ ମଧ ଆମେ । ଯେଉଁଠି ପହଞ୍ଚୁଛେ, ପୁଣି ତା'ଠାରୁ ଆହୁରି ଆଗେଇ ଯାଇଛେ ।" ନିର୍ମଳ କାଜୁଡି ଖଣ୍ଡେ ଉଠାଇଲା ।

"ସତରେ କ'ଣ ଏମିତି କିଛି ନିଶା ଧରିଛି ଆମକୁ ? କେଜାଣି ?" ମନକୁ ମନ କହିଲା ପରି କହିଲା ନୀରଦ ।

"ହଁ ପ୍ରକୃତରେ । ଏମିତି କି ନିଶା ଇଏ ? ଆଗକୁ ବଢ଼ିବାର । କ'ଣ ପ୍ରକୃତରେ ନିଶା ଇଏ ? ବେଳେବେଳେ ଲାଗେ ଏସବୁ କିଛି ବୋଲି କିଛି ନାହିଁ । ଅସଲ କିଛି ଯେମିତି ହାତମୁଠାରୁ ଖସିଯାଇଛି - ଅପସରି ଯାଇ କାହିଁ କେଜାଣି କେତେପଛରେ ଛପି ଯାଇଛି । ଚାହିଁଲେ ବି ଖୋଜି ହେବ ନାହିଁ, ଧରିହେବ ନାହିଁ ।" ନୀଳିମା ମୁହଁ ଉପରକୁ କରି ଆକାଶକୁ ଚାହିଁଲା ।

"ଠିକ୍ କହିଛ ନୀଳିମା । କେତେବେଳେ କେମିତି ଲାଗେ ଉପରଠାଉରିଆ ରୂପେ ମଜ୍ଜିଯାଇଛେ ଆମେମାନେ; ଇଚ୍ଛା ଓ ପ୍ରାପ୍ତିର ଜଡଉରେ । ଆଗକୁ ବଢ଼ିବାର ନିଶା ଯଦି ନଥାନ୍ତା, କ'ଣ ଥାଆନ୍ତା ଆମ ପାଖରେ ? ଏଇ ସଫଳ ହେବାର ବି ମାନେ କ'ଣ ? ଯଦି ନଥାନ୍ତା ଏତେ ଅର୍ଥ ଓ ପ୍ରତିପତ୍ତି କ'ଣ କ୍ଷତି ହୋଇଯାଇଥାନ୍ତା ? ବେଳେବେଳେ ଲାଗେ ଏସବୁ ଛାଡି କୁଆଡେ ପଳାନ୍ତି । ଲାଗେ ଯେମିତି ଏଇ ନିଶା ଧରୁନାହିଁ ଆଉ ପୁରାପୁରି । ଏମିତି ବି ଦେଖୁନାହଁ – ଚାରି ପେଗ୍ ହ୍ୱିସ୍କି ନେଲିଣି ମୁଁ – କାହିଁ କିଛି ଧରିନି ।" ନିର୍ମଳ ଆଖିବୁଜି କହୁଥିଲା ।

ନିଜ ନିଜ ଚେଆର୍‌ରେ ଆଉଜି ଗଲେ ସେମାନେ - ନୀରଦ, ନୀଳିମା ଓ ନିର୍ମଳ । ଜୀବନର ଆସନ୍ନ ଅପରାହ୍ଣରେ ବୋଧହୁଏ ଖୋଜୁଥିଲେ – ଭାବିବାକୁ ଚେଷ୍ଟା କରୁଥିଲେ, କ'ଣ ହୋଇପାରେ ସେ ଆସକ୍ତି,

ଯାହା ସେମାନଙ୍କୁ ନିଜର ସ୍ମୃତି, ଚେତନାକୁ ଭୁଲାଇ ଦେଇପାରିଥାନ୍ତା ?କେତେ ପେଗ୍ ହ୍ୱିସ୍କି ସହ ଯେଉଁ ଅବସ୍ଥାରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି ସେମାନେ ଏଇ କେତେ ଘ[ା ହେଲା ।

"ନୀରା କଥା ମନେ ଅଛି ନୀଳିମା ? ତୁମକୁ ଅନେକ ବର୍ଷ ତଳେ ଲେଖିଥିଲି, ମୋ ଟ୍ରେନିଂ ଚାଲିଥିବା ସମୟରେ ?" ହଠାତ୍ ନିଦରୁ ଉଠିଲା ପରି ପଚାରିଲା ନୀରଦ ।

"ହଁ, ଥରଟେ ମନେ ପଡୁଛି – ବହୁତ ଦିନ ତଳେ - କ'ଣ ହେଲା ତା'ର ?" ନୀଳିମାର କଣ୍ଠରେ ଉତ୍ସୁକତା ଥିଲା ।

"ମୋ ଏକାଠି ଟ୍ରେନିଂ ଦେଲାବେଳେ ଦେଖା ହୋଇଥିଲା, ବନ୍ଧୁତା ବଢ଼ିଲା ଓ . . . ।ଝିଅଟା ଖୁବ୍ ଗଭୀର ଥିଲା । ଏତେ ପଢ଼ିଥିଲା ଓ ଏତେ ସଂଭ୍ରମଶୀଳ ଝିଅ ସେ ଥିଲା, ମୋ ଜୀବନରେ ମୁଁ ଏମିତି ଆଉ କୌଣସି ନାରୀର ସଂସ୍ପର୍ଶରେ ଆସିନାହିଁ ।" ନୀରଦ ଚୁପ୍ ରହିଗଲା ।

"ଅସଲ କଥାଟା କହୁନୁ ? ବାବୁ ପ୍ରେମରେ ପଡିଲେ ତ ?" ନିର୍ମଳ ଥଟ୍ଟା କଲା ।

"ସେଇ ଦୁଇବର୍ଷ - ସଖୀ କୁହ, ସଙ୍ଗିନୀ କୁହ - ସବୁଠାରୁ ଘନିଷ୍ଠ ବନ୍ଧୁ କୁହ - ସବୁ ମୋ ପାଇଁ ଥିଲା ସେ । ହଁ, ଖୁବ୍ ଭଲ ପାଉଥିଲା ମୋତେ । ମୁଁ କଣ କିଏ ବି ତା'ପ୍ରେମରେ ପଡିଯାଇଥା'ନ୍ତା । ମୁଁ ସେତେବେଳେ ଆଶ୍ଚର୍ଯ୍ୟ ହେଉଥିଲି, ମୋ ପାଖରେ କ'ଣ ଦେଖିଥିଲା ସେ ! କ୍ଲାସମେଟ୍ ସମସ୍ତେ ଜାଣିଥିଲେ। କେହି କେହି ତା'କୁ ଭାବୀ ମଧ କହିବାକୁ ଆରମ୍ଭ କରିଦେଇଥିଲେ ।"

"କ'ଣ ହେଲା ? ଏତେ କଥା ହୋଇଛି, ମୋତେ କହିନୁ ? ପୁରୁଷ ପୁଙ୍ଗବ ବାହା କାହିଁକି ହେଲେ ନାହିଁ ତାକୁ ?" ନିର୍ମଳ ପଚାରିଲା ।

"ଆଜି ବି ମୁଁ ନିଜକୁ ପଚାରିଲେ ଉତ୍ତର ପାଏନାହିଁ । କର୍ଣ୍ଣାଟକର ଝିଅ ଥିଲା ସେ । ଖୁବ୍ ଭଲ ପରିବାରର । ତା'ର ବାପା, ମାଆ ଆମ ସଂପର୍କ ବିଷୟରେ ଜାଣିଥିଲେ ଓ ସେମାନଙ୍କର ସେଥିନେଇ କୌଣସି ଆପତ୍ତି ନଥିଲା । ମୋତେ ଅନେକଥର କହିଛି ନୀରା; ଘରେ ଜଣାଇବା ପାଇଁ । ମୁଁ କିନ୍ତୁ କାହିଁକି କେଜାଣି ପାରିଲି ନାହିଁ । ଦୁଇବର୍ଷର ଟ୍ରେନିଂ ସରିଲାପରେ ପୋଷ୍ଟିଂ ପୂର୍ବରୁ ମାସେ ଛୁଟିରେ ଘରକୁ ଆସିଥିଲି। ଆମର କଥା ଥିଲା ଯେ ଏଇ ଛୁଟିରେ ମୁଁ ଘରେ ସମସ୍ତଙ୍କୁ କହି ରାଜି କରାଇବି । ବହୁତ କୁଣ୍ଠାପରେ ମାଆକୁ କହିଥିଲି । ଅନ୍ୟଜାତି, ଅନ୍ୟ ଭାଷାର ଝିଅ କଥା ଭାବି ସେ ମୁଣ୍ଡରେ ହାତଦେଲା । ନାନୀ କହିଲା ଏମିତି ବଡ ଚାକିରୀ କରିଥିବା ଝିଅଙ୍କୁ ବର ମିଳନ୍ତି ନାହିଁ ତ, ତେଣୁ ଟ୍ରେନିଂ ବେଳେ ବନିଶୀ କ[ା ପକାନ୍ତି ଭଲ ପୁଅଙ୍କୁ ଦେଖି । ବାପା କୌଣସି ମତେ ଗ୍ରହଣ କଲେ ନାହିଁ । ସେତେବେଳେ ତ ଫୋନ୍‌ର ଏତେବେଶୀ ସୁବିଧା ନଥିଲା । ମୁଁ ବିଶେଷ କିଛି ଭଲଭାବରେ ନୀରାକୁ ଜଣାଇ ବି ପାରିଲି ନାହିଁ । ଘରେ ଦୁଇ ତିନୋଟି ଝିଅ ପସନ୍ଦ କରି ରଖିଥିଲେ । ମୋ ବାଛିବା ପରେ ବାହାଘର ହୋଇଗଲା ।" ଦୀର୍ଘଶ୍ୱାସ ଛାଡିଲା ନୀରଦ ।

"କହ, ଭାଉଜର ସୁନ୍ଦର ରୂପରେ ଭୁଲିଗଲୁ । ଓଡିଶାରେ ସେତେବେଳେ ହୁରି ପଡିଥିଲା – ଭାଉଜଙ୍କ ପରି ସୁନ୍ଦରୀ ଝିଅ ଖଣ୍ଡମଣ୍ଡଳରେ ନାହାନ୍ତି ।" ନିର୍ମଳ କହିଲା ।

"ତା'ପରେ କ'ଣ ହେଲା ନୀରଦ ? କ'ଣ କହିଲ ନୀରାକୁ ?"ନୀଳିମା ବ୍ୟଗ୍ର ହୋଇ ପଚାରିଲା ।

"କିଛି କହିବାର ସୁଯୋଗ ମିଳିଲା ନାହିଁ । ମୋତେ ଦୋଷୀ ଦୋଷୀ ଲାଗୁଥିଲା । ଚିଠି ଖଣ୍ଡେ ବି ଲେଖିପାରିଲି ନାହିଁ । ମୋର ଚଣ୍ଡୀଗଡ ପୋଷ୍ଟିଂ ହୋଇଥିଲା । ସିଧା ଘରୁ ଯାଇ ସେ'ଠି ଜଏନ୍ କଲି ।"

"ଆଉ ନୀରା ?"

"ନୀରା ଲମ୍ବା ଛୁଟିରେ ରହିଥିଲା ବୋଲି ଖବର ପାଇଲି । ସେ ଟ୍ରେନିଂ ପରେ ଆଉ ଜଏନ୍ କଲା ନାହିଁ । ବର୍ଷେ ଖଣ୍ଡେ ପରେ ଶୁଣିଲି ସେ ଇସ୍ତଫା ଦେଇ ଦେଇଥିଲା । ଆହୁରି ଅନେକ ବର୍ଷ ପରେ ଖବର ପାଇଥିଲି କୋଉ ଗୋଟାଏ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଯୋଗଦେଇ ମାଙ୍ଗାଲୋର୍ ପାଖ ଗାଁରେ ରହୁଥିଲା . . . ମୁଁ ଯେତେଦୂର ଜାଣେ ସେ ବାହାହୋଇ ନଥିଲା . . ." ନୀରଦ ଦୀର୍ଘଶ୍ୱାସ ଛାଡିଲା ।

"ଅନେକ ଅନ୍ତରଙ୍ଗ ସମୟ ଆମେ ଏକାଠି ବିତାଇଛୁ । ସ୍ନେହ, ସୋହାଗ ଓ ଆନ୍ତରିକତାର ମୁହୂର୍ତ୍ତ ସେସବୁ ସମୟ ଅସମୟରେ ମନେ ପଡିଯାଏ । ମୁଁ ବ୍ରେକଫାଷ୍ଟ୍ ପରେ କ୍ଷୀର ପିଇବାକୁ ଭୁଲିଯାଏ । ନୀରା ଟ୍ରେନିଂକ୍ଲାସକୁ ବାହାରିଲା ବେଳେ ମୋ ରୁମ୍ କବାଟ ବାହାରେ ଠିଆହୋଇଥାଏ । ବାଁ ହାତରେ ଡାୟରୀ ଓ ବହିଟେ ଛାତିରେ ଜାକି ଧରିଥାଏ – କାନ୍ଧରେ ବ୍ୟାଗ୍- ଡାହାଣ ହାତରେ କ୍ଷୀର ଗ୍ଲାସ- ଜିଦ୍ ମୁଁ ନ ପିଇଲେ ସେ ଘୁଞ୍ଚିବନି ଓ କ୍ଲାସ ମିସ୍ ହେବ ।" ନୀରଦ ଧରିଥିବା ଗ୍ଲାସ ଟେବୁଲ୍ ଉପରେ ରଖିଦେଲା , ଦୁଇହାତରେ ମୁହଁ ପୋଛିଲା ଓ ଆକାଶକୁ ଅନାଇ ରହିଲା ।

"ଜୀବନ ବଡ ଅଦ୍ଭୁତ ସତରେ । ଏତେ ଲମ୍ବା ରାସ୍ତା ଚାଲି ଆସିଲା ପରେ . . . "ନୀଳିମା ଟିକିଏ ଚୁପ୍ ରହିଗଲା ।

"ତୁମେମାନେ ତ ଏମ୍.ଏ. ପରୀକ୍ଷା ସରୁ ସରୁ ଦିଲ୍ଲୀ ଚାଲିଗଲ । ମୁଁ ଆଡ୍‌ହକ୍‌ରେ ଅଧାପନା କଲି କିଛି ଦିନ । ସମୀର ମୋର ଦୁଇବର୍ଷ ଆଗରୁ ଚାକିରୀ ଆରମ୍ଭ କରିଥିଲା । ଭଦ୍ର, ସୁଶୀଳ ଓ କେମିତି ଭାବୁକ ଭାବୁକ ଲାଗୁଥିଲା ସେ । ଏତେ ଧ୍ୟାନ ମୁଁ ତା'କୁ ଦେଇନଥିଲି ଏମିତିରେ । ଥରେ ଦୁଇଥର ଆମେ ସମ୍ବଲପୁରରୁ ବସ୍‌ରେ କଟକ ପର୍ଯ୍ୟନ୍ତ ଆସିଛୁ । ବସ୍‌ଷ୍ଟାଣ୍ଡ୍‌ରେ ପହଞ୍ଚିଲା ପରେ ମୁଁ ରିକ୍‌ସା ଧରେ ଓ ତା'ପରେ ସେ ତା' ଘରକୁ ଯାଏ । ଥରଟେ ଅଧରାତିରେ ରେଢ଼ାଖୋଲ ମଝିଆମଝି ବସ୍ ଖରାପ ହୋଇଗଲା । କୌଣସିମତେ ଷ୍ଟାର୍ଟ ହେଲା ନାହିଁ । ବେଶ୍ କିଛି ସମୟ ଗାଡିରେ ବସିବା ପରେ ତଳକୁ ଓହ୍ଲାଇ ଚାଲିବା ଟିକିଏ ବୋଲି ମୁଁ ସମୀରକୁ କହିଥିଲି । ବୋଧହୁଏ ଅକ୍ଟୋବର ମାସର ଶେଷ; ଟିକିଏ ଥଣ୍ଡା ପଡିଥାଏ । ତୋଫାଜହ୍ନ – ଚନ୍ଦ୍ରାଲୋକ ଓ କାକରରେ ଭିଜୁଥିବା ରହସ୍ୟମୟ ଜଙ୍ଗଲ ଦୁଇକଡରେ । ରାସ୍ତା ଉପରେ ଗୋଟିଏ ଗୋଟିଏ ଚାଲୁଥିଲୁ ଆମେ । ହଠାତ୍ ସମୀର ରହିଗଲା ଓ ମୋର ଡାହାଣ ହାତକୁ

ଧରିପକାଇ । ଏବେ ବି ମୋର ମନେପଡୁଛି ମୋ ପାପୁଲିକୁ କେମିତି ମୁଠାଇ ଧରିଥିଲା ସେ ଓ କେମିତି ଥରୁଥିଲା ତା' ହାତ ।

- ମୁଁ ତୁମକୁ ଭଲପାଏ – ଶବ୍ଦ ତିନୋଟି ବାହାରି ମୋତେ ଆଶ୍ଚର୍ଯ୍ୟ କରି ଜଙ୍ଗଲ ଓ ନୀରବତାକୁ ଚିରି ଦେଉଥିଲେ ଯେମିତି ! ବେଶ୍ କିଛି ସମୟ ଚୁପ୍‌ଚାପ୍ ଠିଆହୋଇଥିଲୁ ଆମେ ।" ନୀଳିମା ଟିକିଏ ରହିଗଲା ।

"ମୋ ଜୀବନରେ ସେମିତି ରହସ୍ୟମୟ , ବାହୂଳ, ନିକାଂନ କିନ୍ତୁ ନିବିଡ ରାତି ଆଉକେବେ ବୋଧହୁଏ ଆସିନାହିଁ ।" ଚୁପ୍‌ଚୁପ୍ କରି ନିଜକୁ ନିଜେ କହିଲା ପରି ଉଚ୍ଚାରଣ କଲା ନୀଳିମା ।

"ତା'ପରେ ?" ନିର୍ମଳ ପଚାରିଲା ।

"ମୁଁ ଆଉ ଦୁଇଜଣ ଅଧ୍ୟାପିକା ଏକାଠି ଗୋଟିଏ ଘରଭଡା ନେଇ ରହୁଥିଲୁ । ସମୀର ଓ ତା'ସାଙ୍ଗମାନେ ମେସ୍‌ରେ ରହୁଥିଲେ । ସେ ଅନେକ ସମୟରେ ଆସୁଥିଲା ଆମ ଘରକୁ । ଭାତ, ମାଂସ ତରକାରୀ ଷ୍ଟୋଭ୍‌ରେ ଘାଁଘାଁ ଧରି ରନ୍ଧା ହେଉଥିଲା । ବିଭିନ୍ନ ଗପ ଓ କବିତା ପଢ଼ା । ମୋ ସାଙ୍ଗମାନେ ତା'କୁ ଖୁବ୍ ପସନ୍ଦ କରୁଥିଲେ । ଆମେ କୁଆଡେ ବୁଲିବାକୁ ଗଲେ ଖବର ସବୁ ଲୁଚାଇ ରଖୁଥିଲେ ସେମାନେ ।

- ରିକ୍‌ସାରେ କାହା ସାଙ୍ଗରେ ସମ୍ବଲପୁରରେ ବୁଲୁଛୁ ବୋଲି ବାପା ପଚାରିଥିଲେ ଥରେ । ବାପାଙ୍କ ସାମନାରେ ତ ଆମେମାନେ ମୁହଁ ଖୋଲୁ ନଥିଲୁ । ବହୁତ କଷ୍ଟରେ କହିଲି । ବାପା କହିଲେ ଚାକିରୀ କରିବା ସେତିକିରେ ବନ୍ଦ ହେବ । ବାସ୍, ମୋର ଇସ୍ତଫା ଚିଠି ଜବରଦସ୍ତି ଲେଖାହୋଇ ପଠାଗଲା । ବାହାଘର ତନାଘନା ହୋଇ ସରିଗଲା । ଅଳ୍ପ କେଇ ମାସରେ ମୁଁ ଆମେରିକା ଗଲି । ପ୍ରଥମେ ପ୍ରଥମେ ଖୁବ୍ ଲୁଚାଇ ଲୁଚାଇ କାନ୍ଦିଲି କିନ୍ତୁ ୟାଙ୍କର ଶ୍ରଦ୍ଧା ଓ ଐଶ୍ୱର୍ଯ୍ୟମୟ ନୂଆ ଜୀବନ କ୍ଷତ ଶୁଖାଇ ଦେଲା ।"

"ଆଉ ସମୀର ?" ନୀରଦ ପଚାରିଲା ।

"- ତୁମେ ମୋ ଜୀବନର ସର୍ବଶ୍ରେଷ୍ଠ ଆବିଭ୍ମାଁ-କେତେଥର କହୁଥିଲା ସେ । ଖବର ପାଇଥିଲି ଓଡିଶା ଛାଡି ସେ କୁଆଡେ ଚାଲିଯାଇଛି । ବାପା ମାଆଙ୍କର ଗୋଟିଏ ପୁଅ ଥିଲା । ଅନେକ ଖୋଜ ଖବର ନିଆଯାଇଥିଲା । ଅନେକ ମାସ, ବର୍ଷ ଧରି ନିରୁଦ୍ଦିଷ୍ଟ ତାଲିକାରେ ଖବରକାଗଜରେ ତା' ନାଁ ବାହାରୁଥିଲା କୁଆଡେ – ଶୁଣିଥିଲି । କିନ୍ତୁ ସେ ଫେରିନଥିଲା । ପରିଣତ ବୟସରେ ତା' ବାପାମାଆ ଭୁବନେଶ୍ୱରରେ ଫ୍ଲାଟଟିଏ ନେଇ ରହୁଛନ୍ତି ଶୁଣିଥିଲି । ବାସ୍ ।" ନୀଳିମା ଉଠି ଠିଆହେଲା ।

"ପାଗଳଟେ ଥିଲା ସେ – ବହୁତ ଦିନ ତଳେ ଥରେ ମାଆ ଘରେ ଏକଥା କହିଥିଲା – ଯେତେବେଳେ ମୁଁ ତା'କୁ ସମୀର ବିଷୟରେ ପଚାରିଥିଲି । କିନ୍ତୁ ମୁଁ ଜାଣେ . . . ସେ ପାଗଳ ନୁହେଁ ।" ନୀଳିମାର କଣ୍ଠ ରୁଦ୍ଧି ହୋଇ ଯାଉଥିଲା ।

ରାତି ବଢୁଥିଲା । ନିର୍ମଳର ପରିଚାରକମାନେ ବିଭିନ୍ନ ଖାଦ୍ୟଦ୍ରବ୍ୟ ପରଷିସାରି ଅପସରି ଯାଉଥିଲେ ସେମାନଙ୍କ ଆସରରୁ । କେମିତି ଏକ ଅଦ୍ଭୁତ ରାତିଥିଲା ଇଏ ସେମାନଙ୍କ ପାଇଁ ! ଅତୀତ ଓ ସ୍ମୃତିର ପୃଷ୍ଠା ଖୋଲି ଦେଉଥିଲା ସେଇ ବଗିଚା ଘରର ପରିବେଶ ।

"ଦୀକ୍ଷା ନାଁ ଶୁଣିଥିବ ତୁମେମାନେ - ଦୀକ୍ଷା ଭଟ୍ଟନାଗର – ଶାସ୍ତ୍ରୀୟ ସଙ୍ଗୀତ ପାଇଁ ପ୍ରସିଦ୍ଧ ।" ନିଦରୁ ଉଠିଲା ପରି କହିଲା ନିର୍ମଳ । ସେମାନଙ୍କୁ ପଛକରି ନିଜ ପାନୀୟ ଗ୍ଲାସ୍ ଧରି ଛାତର ବାଡକୁ ଆଉଜି ଠିଆ ହୋଇଥିଲା ସେ ।

"ଦୀକ୍ଷା ସହ ଦେଖାହୋଇଥିଲା ବମ୍ବେରେ ଆମ ଓକିଲ ମାନଙ୍କର ଗୋଟାଏ ବିରାଟ କନ୍‌ଫରେନ୍‌ସରେ ଗୀତ ଗାଇବାକୁ ଆସିଥିଲା ସେ । ଖୁବ୍ ସୁନ୍ଦରୀ ଓ ମାର୍ଜିତ । କଣ୍ଠରୁ ତ ଅମୃତ ଝରୁଥିଲା ତା'ର । ପ୍ରୋଗ୍ରାମ୍‌ପରେ ଡିନର୍‌ରେ ଦେଖାକଲି ତା'କୁ । ଖୁବ୍ ଆକର୍ଷଣୀୟା ଲାଗୁଥିଲା । କେମିତି ଗୋଟାଏ ମୋହରେ ଠିକଣା ଓ ଫୋନ୍ ନମ୍ବର ମାଗିଦେଲି, ସିଏ ବି ସୁରୁଖୁରୁରେ ଦେଇଦେଲା। ହୁଏତ ତା'କୁ ଭଲ ଲାଗିଥିଲି ମୁଁ । ତା'ପରଦିନ ଦେଖାକଲି ଦୀକ୍ଷାକୁ; ତା'ପର ଦିନ ବି । ମୋର ଦିଲ୍ଲୀ ଫେରିବା ଦିନ ଘୁଂଚାଇଦେଲି । ଆହୁରି ପାଞ୍ଚଦିନ ରହିଲି ବମ୍ବେରେ । ଚୁମ୍ବକ ଓ ଲୁହା ପରି ଆକର୍ଷିତ ହୋଇଗଲୁ ଆମେ ପରସ୍ପର ପ୍ରତି । ବମ୍ବେରେ ବିଭିନ୍ନ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ସାକ୍ଷାତ କରୁଥିଲୁ ଆମେ । ମୋତେ ଦିଲ୍ଲୀ ଫେରିବାକୁ ପଡିଲା । ଏବେ ବି ମନେଅଛି । ସେଥର ଦିଲ୍ଲୀ ଫେରିବା କଥା । ଜମାରୁ ଇଛା ହେଉନଥାଏ ଦୀକ୍ଷାକୁ ଛାଡିକରି ଯିବାପାଇଁ । କିନ୍ତୁ ବାଧ ହୋଉଥାଏ । ହୋଟେଲ୍‌ରୁ ଏଆର୍‌ପୋର୍ଟକୁ ଯାତ୍ରା ଏବେ ମଧ ମନେ ପଡିଯାଏ ମୋର । ଲାଗୁଥାଏ ଯେମିତି ସବୁଠାରୁ ପ୍ରିୟ କିଛି ଛାଡିଦେଇ ଯାଉଛି ପଛରେ । ଭୟ ବି ହେଉଥାଏ, ଆଉ ଦେଖା ହେବ କି ନାହିଁ ଦୀକ୍ଷା ସହ । ଏତେ ନିଃସଙ୍ଗ, ଏତେ ଅନିଶ୍ଚିତ ମୋତେ ଆଉ କେବେ ହେଲେ ଜୀବନରେ ଲାଗିନାହିଁ ।" ନିର୍ମଳ ଆସି ନିଜ ପାଇଁ ଉଦ୍ଦିଷ୍ଟ ଚେଆର୍‌ରେ ବସିଲା ।

"କିନ୍ତୁ ମୁଁ ଦିଲ୍ଲୀରେ ପହଞ୍ଚୁ ପହଞ୍ଚୁ ଦୀକ୍ଷାର ଫୋନ୍ ଆସିଲା ଆଶ୍ୱାସନାର ସ୍ରୋତ ସହ । ତା'ର ପ୍ରତିଶ୍ରୁତି ମୁତାବକ ସେ ପନ୍ଦରଦିନ ପରେ ଦିଲ୍ଲୀ ଆସିଲା ଗୋଟାଏ ପ୍ରୋଗ୍ରାମରେ । ପରେ ରହିଲା ମଧ କିଛିଦିନ ଦିଲ୍ଲୀରେ । ଆମ ଦୁଇଜଣଙ୍କର ଏମିତି ଯିବା ଆସିବା ଚାଲିଲା ଦିଲ୍ଲୀ ଓ ବମ୍ବେ ଭିତରେ ପ୍ରାୟ ଛଅ ସାତ ମାସ ।" ନିର୍ମଳ ଟିକିଏ ଚୁପ୍ ହୋଇଗଲା । ସିଗାରେଟ୍‌ଟାଏ ଲଗାଇଲା ।

"ଶିଳ୍ପୀମାନେ ବୋଧହୁଏ ଏମିତି ଭାବପ୍ରବଣ ହୋଇଥାନ୍ତି । ଏ ଭିତରେ ତା' ସ୍ୱାମୀକୁ ଜଣାଇସାରିଥିଲା ଆମ ସଂପର୍କ ବିଷୟରେ ଦୀକ୍ଷା ବା ସେ ଲୋକଟି ସନ୍ଦେହ କରିଥିଲା । ଦୀକ୍ଷାର ଝିଅ ଓ ପୁଅ ଦୁଇଜଣ ବେଶ୍ ବଡ ବଡ ହୋଇଯାଇଥିଲେ । ଦୀକ୍ଷା ମୋ'ଠାରୁ ଆଠ ବର୍ଷ ବଡ ଥିଲା । ମୋତେ ଛତିଶ ବର୍ଷ ଚାଲୁଥାଏ ସେତେବେଳେ । ମୋ ପୁଅକୁ ଆଠ ବର୍ଷ । ଦୀକ୍ଷା ଏଥର ବମ୍ବେରେ ମୋତେ ତା'ଘରକୁ ଡାକୁଥିଲା । ମୁଁ ମଧ ମନ୍ତ୍ରମୁଗ୍ଧ ହେଲା ପରି ତା'ଘରେ ପହଂଚିଯାଉଥିଲି । ଏବେ ମନେପଡିଲେ

ଆଶ୍ଚର୍ଯ୍ୟ ଲାଗେ କେମିତି ଏମିତି କରୁଥିଲି ମୁଁ ! ଦୀକ୍ଷାର ବେଶ୍ ବଡ ବଡ ପୁଅ ଝିଅ ମୋତେ ଡ୍ୟାଡି ବୋଲି ଡାକିବା ଆରମ୍ଭ କରିଦେଇଥିଲେ । ଦୀକ୍ଷା ଜିଦ୍ କଲା ତା' ସ୍ୱାମୀକୁ ଛାଡପତ୍ର ଦେବ ଓ ମୋ ସହିତ ଦିଲ୍ଲୀରେ ଆସି ରହିବ । ମୁଁ କ'ଣ କରିବି ଭାବିପାରିଲି ନାହିଁ । ମୋର କ୍ୟାରିଅର୍ ସେତେବେଳେ ସୋପାନ ଚଢୁଥାଏ – ମୋ ପରିବାରକୁ ଛାଡି ଦୀକ୍ଷାକୁ କେମିତି ଆପଣେଇ ନେବି ଠିକ୍ କରିପାରୁନଥାଏ। ପୁଣି ଦୀକ୍ଷାର ବୟଃପ୍ରାପ୍ତ ପୁଅ ଓ ଝିଅ ! ମୁଁ ଦୂରେଇ ଯିବାକୁ ନିଷ୍ପତ୍ତି ନେଲି ।" ନିର୍ମଳ ରହିଗଲା ଟିକିଏ।

"ଆଉ ଦୀକ୍ଷା ?"

"ଦୀକ୍ଷାର ସ୍ୱାମୀ ସହ ଡିଭୋର୍ସ ହୋଇଯାଇଥିଲା । ସେ ବମ୍ବେରେ ଅଲଗା ରହୁଥିଲା ବୋଲି ଅନେକ ବର୍ଷ ତଳେ ଖବର ପାଇଥିଲି – ଏକୁଟିଆ ରହୁଥିଲା । ପିଲାମାନେ ତା'ର ହଷ୍ଟେଲ୍‌ରେ ରହିଲେ ତା'ପରେ। ନିଜ ନାଁ ରେ ଅମାପ ସମ୍ପତ୍ତି ଥିଲା ଦୀକ୍ଷାର । କେବେଠାରୁ ତା'ର କୌଣସି ପ୍ରୋଗ୍ରାମ ବିଷୟରେ ଶୁଣିନାହିଁ ମୁଁ । ସେ ଯେମିତି ସଂଗୀତ, ବାହ୍ୟ ଦୁନିଆରୁ କୁଆଡେ ଉଭେଇ ଗଲା !"

ନୀରବତା ଖେଳିଗଲା ତିନି ବନ୍ଧୁଙ୍କ ମଝିରେ କିଛି ସମୟ । ଅନେକ ବର୍ଷ ଧରି ବନ୍ଦ ହୋଇ ରହିଥିବା ସିନ୍ଦୁକ ଖୋଲି ଯାଇଥିଲା – ତା' ଭିତରର ରହଣିଆ ଗନ୍ଧ ଖେଳିଯାଇଥିଲା ଆଖପାଖରେ ଯେମିତି ! ସେମାନଙ୍କ ସଫଳ ଓ ସମୃଦ୍ଧ ଜୀବନର ଛୋଟିଆ ଛୋଟିଆ ଫାଙ୍କରେ ଭେଦି ଯାଉଥିଲା ସେ ଗନ୍ଧ !

"ଅନେକ ସମୟରେ ମୋତେ ଲାଗେ, ଦୀକ୍ଷାର ନିଃଶ୍ୱାସ ପଡିଗଲା ମୋ ଉପରେ । କେତେବେଳେ କେମିତି ଲାଗେ କାହାର ଦୀର୍ଘଶ୍ୱାସ ଶୁଭିଯାଉଛି – ଚାପା ରୁଦ୍ଧ କାନ୍ଦଣାର ସ୍ୱର ।" ନିର୍ମଳ ମୁହଁ ତଳକୁ କରି ବସିରହିଲା ।

"ଅସଲ କାଦମ୍ବରୀର ସ୍ୱାଦ ଚାଖିଥିଲେ ସେମାନେ - ନୀରା, ସମୀର ଓ ଦୀକ୍ଷା । ଆମେ ଖାଲି ନିଶାର ଆଖପାଖରେ ଘୁରି ବୁଲିଛେ ଜୀବନସାରା । ଏବେ ଦେଖ ସନ୍ଧ୍ୟା ହୋଇଗଲାଣି । ଲାଗୁଛି କିଛି ବି ସେମିତି ଜୋର୍ କରି ଧରିରଖିଲା ପରି, ଅନୁଭବି ହେଲାନାହିଁ ଜୀବନରେ ।" ନୀଳିମା କହିଲା ।

"ଏମିତି କି ଚାରିଟା ପେଗ୍ ହ୍ୱିସ୍କିପରେ ବି ନିଶା ଧରୁନାହିଁ ।" ନିର୍ମଳ କହିଲା ।

"ଆମେ ଏମିତି ପିଉଥିବା ଜୀବନଯାକ ଓ କେବେହେଲେ ନିଶା ଧରୁନଥିବାର ଅତୃପ୍ତିରେ ଛଟପଟ ହେଉଥିବା ।"ନୀରଦ ଦୀର୍ଘଶ୍ୱାସ ସହିତ କହିଲା ।

*୪ଆର୍ ୧୧, ୟୁନିଟ୍-୯ ଫ୍ଲାଟ୍‌ସ*
*ଭୁବନେଶ୍ୱର-୨୨*